## ବିବାହିତ ଯୁବକଙ୍କ ଆତ୍ମହତ୍ୟା

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଭଡାରେ ରହୁଥିବା ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖଇରା ବ୍ଲକ ସିମୁଳିଆ ଥାନା ଗଡସଙ୍ଗ ଗ୍ରାମର ମଦନମୋହନ ଯେନା। ଘରେ ତାଙ୍କର ସ୍ତ୍ରୀ ଓ ପିଲା ଅଛନ୍ତି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ମହିଳା ମୃତ

ବାସୁଦେବପୁର, ୫।୯ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର-ଇଚ୍ଛାପୁର ରାସ୍ତାର ଗଗନବାବୁ ଛକଠାରେ ସୋମବାର ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏଡ଼ତାଳ ଗ୍ରାମର କମଳାକାନ୍ତ ଜେନାଙ୍କ ସ୍ତ୍ରୀ ସୁରତୀ(୫୫)। ସେ ନିକଟସ୍ଥ ଏକ ବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଆସିଥିବା ବେଳେ ରାସ୍ତାରେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଛାତ୍ରୀଙ୍କ ମୃତ୍ୟୁ

କୁଆମରା,୫।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଶିଳଘାଟୀ ପଞ୍ଚାୟତର ନଦୀସାହିର ବାଇଧର ସୋରେନଙ୍କ ଝିଅ ହୀରା (୧୨) ବିଦ୍ୟୁତ୍ ସଂସ୍ପର୍ଶରେ ପ୍ରାଣ ହରାଇଛନ୍ତି। ସୋମବାର ଅପରାହ୍ନରେ ଘରେ ଲାଗିଥିବା ଲୁହା କବାଟକୁ ଖୋଲୁଥିବା ବେଳେ ସେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଶୀଳଘାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୦/୨୨) ରୁଜୁ ହୋଇଛି।

### ୪ଜଣଙ୍କ ଘର ଭାଙ୍ଗିଲେ ହାତୀପଲ

ମୋରଡ଼ା,୫।୯(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଓ ବେତନଟୀ ରେଞ୍ଜରେ ହାତୀ ଉପଦ୍ରବ ଲାଗିରହିଛି। ରବିବାର ବିଳମ୍ବିତ ରାତିରେ ମୋରଡ଼ା ବ୍ଲକ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଅନିଲ କୁମାର ମହାନ୍ତ, ରାମଚନ୍ଦ୍ର ମହାନ୍ତ, କରୁଣାକର ମହାନ୍ତ ଓ ରାମ ମହାନ୍ତଙ୍କ ଘର ହାତୀ ପଲ ଭାଙ୍ଗି ଦେଇଛନ୍ତି। ହାତୀପଲ ଘର ଭାଙ୍ଗୁଥିବା ଜାଣିପାରି ପରିବାର ଲୋକେ ଦୌଡି ପଳାଇ ଜୀବନ ବଞ୍ଚାଇଥିଲେ। ହାତୀ ଉପଦ୍ରବ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ନଦୀରୁ ମୃତଦେହ ଜବତ

ଘଟଗାଁ, ୫।୯ (ଡି.ଏନ୍.ଏ)- ଏହି ଥାନା ଅନ୍ତର୍ଗତ ଗଦାଧରପୁର ନିକଟସ୍ଥ କୁକୁରୁକୁଟା ନଦୀରୁ ସୋମବାର ଅପରାହ୍ନରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ ସୂଚନା ଦେଇଛନ୍ତି। ମୃତବ୍ୟକ୍ତିର ପରିଚୟ ମିଳିପାରିନାହିଁ। ଯୁବକଙ୍କ ମୃତ୍ୟୁ କିପରି ହେଲା ଏବଂ ତାଙ୍କର ପରିଚୟ କ'ଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

### ଜନସ୍ୱାସ୍ଥ୍ୟ ଡିଭିଜନ କାର୍ଯ୍ୟାଳୟରେ ନିଆଁ

ବାରିପଦା ଅଫିସ,୫।୯- ମୟୂରଭଞ୍ଜ ଜିଲା ବାରିପଦା ଛଉପଡ଼ିଆସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସୋମବାର ଅଗ୍ନିକାଣ୍ଡ ଘଟିଛି। କାର୍ଯ୍ୟାଳୟରେ ଥିବା କନଫରେନ୍ସ ହଲରେ ଅଗ୍ନିକାଣ୍ଡ ହେବା ଦେଖି କର୍ମଚାରୀମାନେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହଲ୍‌ରେ ଲାଗିଥିବା ଏସି ଓ କେତେକ ଆସବାବପତ୍ର ପୋଡ଼ି ଯାଇଛି। ବିଦ୍ୟୁତ୍ ସଟ ଶର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କୁହାଯାଉଛି।

# ଗଙ୍ଗାହାର ନଦୀରେ ଆଡ଼ିବନ୍ଧ ନିର୍ମାଣ ଦାବି

## ବନ୍ୟାରେ ନଷ୍ଟ ହୋଇଛି ବ୍ୟାପକ ଫସଲ

ବାରିପଦା ଅଫିସ,୫।୯



ଆଡ଼ିବନ୍ଧ ନିର୍ମାଣ ଦାବି ନେଇ ଆସିଥିବା ଭୀମଦା ପଞ୍ଚାୟତବାସୀ।

ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ଗଙ୍ଗାହାର ନଦୀ ସଂଲଗ୍ନ ୩ଟି ଗ୍ରାମରେ ବ୍ୟାପକ ବ୍ୟାପକ କ୍ଷୟକ୍ଷତି ହୋଇଛି। ନଦୀ ତଟବର୍ତ୍ତୀ ଅଞ୍ଚଳରେ ଥିବା ଏକ ଆଦିବାସୀ ସାହି ଏବେବି ପାଣି ଘେରରେ ରହିଛି। ବିପନ୍ନ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇ ଦେବା ସହ ନଦୀରେ ଆଡ଼ିବନ୍ଧ ନିର୍ମାଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏନେଇ ସୋମବାର ଅନୁଷ୍ଠିତ ଜନଶୁଣାଣି ଶିବିରରେ ଲୋକେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଭୀମଦା ପଞ୍ଚାୟତ ଅନ୍ତର୍ଗତ ଭୀମଦା, ଅର୍ଜୁନବାରିଆ ଓ ଟିକାୟତପୁର ଗାଁ ଗଙ୍ଗାହାର ନଦୀ କୂଳରେ ଅବସ୍ଥିତ। ଏହି ଗ୍ରାମ ଗୁଡ଼ିକରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ସମସ୍ତେ ଚାଷ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ବର୍ଷା ଦିନେ ନଦୀର ଉଦ୍‌ବୃତ୍ତ ବନ୍ୟାଜଳ ଗ୍ରାମ ଓ ଚାଷ ଜମିରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ଶତାଧିକ ଏକର ଧାନ ଚାଷ ସମେତ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥାଏ। ଚାଷରେ କ୍ଷତି ହୋଇଥିବା ଫସଲ ଭରଣା କରି ନ ପାରି ବହୁ ଚାଷୀ ଅର୍ଥାଭାବର ଶିକାର ହୋଇ ଆସୁଛନ୍ତି। ଏପରିକି ବ୍ୟାଙ୍କ ଋଣ ଶୁଝି ପାରୁ ନ ଥିବା ଚାଷୀ ରଘୁନାଥ ବେହେରା, ରଞ୍ଜନ ଚୌଧୁରୀ, ଶୁଦେଶୀ ବେହେରା ପ୍ରକାଶ କହିଛନ୍ତି। ସେହିପରି ଭୀମଦା ଗ୍ରାମର ଲାଲମୋହନ ସାମଲ କହନ୍ତି, ୧୫ଏକର ଜମିରେ ଧାନ ଚାଷ କରିଥିବା ବେଳେ ବନ୍ୟାଜଳ ପ୍ରବେଶ କରିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ନଦୀରେ ଉକ୍ତ ଆଡ଼ିବନ୍ଧ ନିର୍ମାଣ କରାଗଲେ ତିନୋଟି ଗ୍ରାମର ଲୋକେ ସୁରକ୍ଷିତ ରହିବା ସହିତ ସେମାନଙ୍କ ଦୁଃଖ ଲାଘବ ହୋଇପାରିବ। ସେହିପରି ନଦୀ ସଂଲଗ୍ନ ଏକ ଛୋଟ ଆଦିବାସୀ ସାହି ଜଳ ଘେରରେ ରହିଥିବାରୁ ସେମାନଙ୍କ ପାଖରେ କୌଣସି ସାହାର୍ଯ୍ୟ ପହଞ୍ଚି ପାରିନାହିଁ। ବ୍ଲକ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ତିନୋଟି ଗ୍ରାମର ହଜାରେରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସରପଞ୍ଚ ଭୀମ ସିଂ, ରବୀନ୍ଦ୍ର ମହାଳିକ, ଚନ୍ଦନ ମହାଳିକ, ଦିଲ୍ଲୀପ କୁମାର ପାତ୍ର, ମମତା ପାତ୍ରଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

# ଗୁରୁଦିବସରେ ସରସ୍ୱତୀ ପ୍ରତିଭା ସମ୍ମାନ

କେନ୍ଦୁଝର, ୫।୯ (ସ୍ୱ.ପ୍ର.)

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଗୁରୁଦିବସ ଅବସରରେ ସରସ୍ୱତୀ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରତ୍ୟେକ ବ୍ଲକରୁ ଅବସରପ୍ରାପ୍ତ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ମାନିତ ଆଦର୍ଶ ଶିକ୍ଷାବିତ୍‌ମାନେ ହେଲେ ଆନନ୍ଦପୁର ବ୍ଲକରୁ ବାଞ୍ଛାନିଧି ଶତପଥୀ, ବାଂଶପାଳରୁ ଦେବରାଜ ପ୍ରଧାନ, ଚମ୍ପୁଆରୁ ବଂଶୀଧର ମହାନ୍ତ ଓ ଶିରିଶ ଚନ୍ଦ୍ର ଗିରି, ଘସିପୁରାରୁ ବଳରାମ ଚକ୍ର ଓ ଶ୍ୟାମସୁନ୍ଦର ନାୟକ, ଘଟଗାଁରୁ ଆଦିକନ୍ଦ ମହାନ୍ତ ଓ ଗଗନ ବିହାରୀ ମିଶ୍ର, ହରିଚନ୍ଦନପୁରରୁ ମଧୁସୂଦନ ବେଜ ଓ ରଘୁନାଥ ମହାରଣା, ହାଟଡିହିରୁ ନାରାୟଣ ଚନ୍ଦ୍ର ଲେଙ୍କା, ଝୁମ୍ପୁରାରୁ କାହ୍ନୁ ଚରଣ ମହାନ୍ତ ଓ ଭୁବନେଶ୍ୱର ପ୍ରଧାନ। ସେହିପରି ଯୋଡ଼ା ବ୍ଲକରୁ ବୈଦେହୀ ବାନାର୍ଜୀ ଓ ବିପିନ ବିହାରୀ ପ୍ରଧାନ, କେନ୍ଦୁଝରଗଡ଼ ମ୍ୟୁନିସିପାଲିଟିରୁ ପଦ୍ମିନୀ ସୁର ଓ କମଳିନୀ ଦାଶ, ପାଟଣାରୁ ଅକ୍ଷୟ ନାରାୟଣ ମିଶ୍ର ଓ ଗୋପୀନାଥ ସାହୁ, ସଦର ବ୍ଲକରୁ ଭଜନ ମହାନ୍ତ ଓ ତପସ୍ୱିନୀ ରଥ, ସାହାରପଡ଼ାରୁ ଡମ୍ବରୁଧର ମହାନ୍ତ ଓ ବିଦ୍ୟାଧର ପଲେଇ, ତେଲକୋଇରୁ ବଳଭଦ୍ର ପ୍ରଧାନ ଓ ଭାଗୀରଥି ଗିରିଙ୍କୁ ସମ୍ମାନିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ନୀଳାମ୍ବର ମହାନ୍ତ ଧନ୍ୟବାଦ ଦେଇଥିଲେ। ସହ ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ, ଦେବାଶିଷ ସାମଲ, ଜଗନ୍ନାଥ ମହାନ୍ତ, ଲମ୍ବୋଦର ମହାନ୍ତ, ମଞ୍ଜୁଶ୍ରୀ ରାଉତ, ମହେଶ୍ୱର ନାଥ ପ୍ରମୁଖ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ସମ୍ମାନିତ ଶିକ୍ଷାବିତ୍‌ମାନେ।

# 'ମଦ ଭାଙ୍ଗିଦେଲା ସୁନାସଂସାର' ଉନ୍ମୋଚିତ



ଅତିଥିମାନେ ନାଟକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ ଅଫିସ,୫।୯

ରାଜ୍ୟ ସରକାର ରାଜନୈତିକ ଫାଇଦା ପାଇଁ ମଦ ବ୍ୟବସାୟର ସମ୍ପ୍ରସାରଣ କରିଚାଲିଛନ୍ତି। ନିର୍ବାଚନରେ ଜିତିବା ଲାଗି ମଦ ଦେଇ ଯୁବକମାନଙ୍କୁ ଆକୃଷ୍ଟ କରି ରୋଡ୍‌ସୋ ଆଦି କାର୍ଯ୍ୟ କରୁଛନ୍ତି ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସଭାପତି ତଥା ସର୍ବଭାରତୀୟ ଆବାହକ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ପୁରୁଣା କଚେରି ପ୍ରାଙ୍ଗଣସ୍ଥିତ ଓକିଲ ସଂଘ କନ୍‌ଫରେନ୍ସ ହଲ୍‌ରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ନିଶା ବିରୋଧୀ ସମ୍ମିଳନୀରେ ସେ ଏଭଳି କହିଛନ୍ତି।

## ଜିଲାସ୍ତରୀୟ ନିଶା ବିରୋଧୀ ସମ୍ମିଳନୀ

ଭଦ୍ରକର ଆଜୀବନ ସଂଗ୍ରାମୀ ନିରାକାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଅଧିବକ୍ତା ଶୁକମଣି ବେହେରାଙ୍କ ଦ୍ୱାରା ରଚିତ 'ମଦ ଭାଙ୍ଗିଦେଲା ସୁନା ସଂସାର' ନାଟକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଆସନ୍ତା ନଭେମ୍ବର ୨୩ରେ ଜିଲାସ୍ତରୀୟ ନିଶା ବିରୋଧୀ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ଆହ୍ୱାନ ଦିଆଯାଇଛି।

ଏହି ସମ୍ମିଳନୀ ଜରିଆରେ ଭଦ୍ରକ ଜିଲା କମିଟିକୁ ପରିବର୍ଦ୍ଧିତ କରାଯାଇଛି। ଜିଲା ସଭାପତି ନିରାକାର ଜେନାଙ୍କ ପ୍ରସ୍ତାବ ଏବଂ ସମ୍ପାଦକ ଆଡ୍‌ଭୋକେଟ ଗିରିଧାରୀ ନାଥଙ୍କ ସାଙ୍ଗଠନିକ ଆଲୋଚନା କ୍ରମେ ୭ ବ୍ଲକରୁ ପ୍ରତିନିଧି ନିର୍ବାଚିତ କରାଯାଇ ସେମାନଙ୍କୁ ଜିଲା କମିଟିରେ ସ୍ଥାନିତ କରାଯାଇଛି। ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ, ସମ୍ପାଦକ ରମାକାନ୍ତ ମଣ୍ଡଳ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ରାଉତରାୟ, ଉପସଭାପତି ଅଗଣି ଚରଣ ଜେନା, ଶିକ୍ଷାବିତ୍ ଅମର ପାଣିଗ୍ରାହୀ, ସରସ୍ୱତୀ ସେନାପତି, ଅନ୍ନପୂର୍ଣ୍ଣା ସାହୁ, ଅଧ୍ୟାପକ ସଂଗ୍ରାମ ମହାନ୍ତି, ଜଗନ୍ନାଥ ରାୟ, ସ୍ନେହଲତା ପହି ପ୍ରମୁଖ ସମ୍ମିଳନୀରେ ଯୋଗ ଦେଇଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର ଆହତଙ୍କୁ ମେଡିକାଲରେ ଭର୍ତ୍ତିକଲେ ଡିଏଫ୍ଓ

କେନ୍ଦୁଝର, ୫।୯ (ସ୍ୱ.ପ୍ର)

ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତଲାପଶି ପଞ୍ଚାୟତର ଖୁଣ୍ଟାପଡ଼ା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାଁ ଅନ୍ଧାରୁ ଦେହୁରୀ (୩୪)। ରବିବାର ରାତି ପ୍ରାୟ ୧୨ଟା ସମୟରେ ଅନ୍ଧାରୁ ଗଣେଶ ମୂର୍ତ୍ତି ବିସର୍ଜନ ସାରି ଘରକୁ ଫେରୁଥିବାବେଳେ ଗାଁ ଆମ୍ବତୋଟା ନିକଟରେ ଦୁଇଟି ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁ ଦୁଇଟି ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ତାଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଭାଲୁ ଦୁଇଟି ସେଠାରୁ ପଳାଇଥିଲେ। ପରିବାର ଲୋକ ଅନ୍ଧାରୁଙ୍କୁ ଏକ ଅଟୋରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବାବେଳେ ତେନ୍ତଲାପଶି ନିକଟରେ ଅଟୋରେ ତେଲ ସରିଯାଇଥିଲା। ସେହି ସମୟରେ ପାଟ୍ରୋଲିଂ ସାରି ଫେରୁଥିବା କେନ୍ଦୁଝର ଡିଏଫଓ ଧନରାଜ ଏଚ୍.ଡି ସେଠାରେ ଗାଡ଼ି ଅଟକାଇ ୦ଅନ୍ଧାରୁଙ୍କୁ ନିଜ ଗାଡ଼ିରେ ଆଣି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ରାଜ୍ୟସ୍ତରୀୟ କ୍ୟାରମ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଯୋଡ଼ା,୫।୯(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହର କଲ୍ୟାଣ ମଣ୍ଡପଠାରେ ତିନି ଦିନ ଧରି ଆୟୋଜିତ ହୋଇଥିବା କ୍ୟାରମ ଚାମ୍ପିୟନଶିପ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ସିଙ୍ଗଲ ବର୍ଗ ମ୍ୟାଚରେ ଜଟଣୀର ଭି. ଆକାଶ ଭୁବନେଶ୍ୱରର ଜେ.ପି.ଦାସଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ସେହିପରି ଡବଲ୍ସ ବର୍ଗରେ ଜଟଣୀର ଭି.ଆକାଶ ଓ ଭିମାୟ ଭୁବନେଶ୍ୱରର ଏସ.ଆର ସାମନ୍ତରାୟ ଓ ତ୍ରିନାଥ ବେହେରାଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଏହି ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ସରୋଜ ବାନାର୍ଜୀ, ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲ ମାନବ ସମ୍ବଳ ଅଧିକାରୀ ଚନ୍ଦନ ମିଶ୍ର, ଟାଟା ଷ୍ଟିଲ ଅଧିକାରୀ ବିନୋଦ କୁମାର ଓ ପୂର୍ବ ଯୋଡ଼ା ଶ୍ରମିକ ସଂଘର ସମ୍ପାଦକ ରଞ୍ଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟକୁ କ୍ୟାରମ ଆସୋସିଏଶନର ଅଧ୍ୟକ୍ଷ ମାନସ ରଞ୍ଜନ ମହାନ୍ତି ଓ ପ୍ରକାଶ ମହାନ୍ତି, ସମ୍ପାଦକ ହେମନ୍ତ ପାତ୍ର, ସଦସ୍ୟ ସୁବାସ ସେନଗୁପ୍ତା, ବବି ରାୟ ପ୍ରମୁଖ ଆୟୋଜନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୧୩୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟ କେନ୍ଦୁଝର ଜିଲା କ୍ୟାରମ ଆସୋସିଏଶନ ପକ୍ଷରୁ ଆୟୋଜନ କରାଯାଇଥିଲା।



ଚାମ୍ପିୟନ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଅଙ୍ଗନୱାଡି କର୍ମୀଙ୍କୁ ମାନସିକ ନିର୍ଯାତନା

## ସିଡିପିଓଙ୍କ ନାଁରେ ମାମଲା

ସାରସକଣା,୫।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ କଳାପାଣି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସୋମବାରୀ ସିଂଙ୍କୁ ସାରସକଣା ବ୍ଲକ ସିଡିପିଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଅଙ୍ଗନୱାଡି କର୍ମୀଙ୍କ ପୁଅ ଅଶୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୯୫/୨୨)ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ଶନିବାର ସାନଚାଟରା ନିକଟ ଅଙ୍ଗନୱାଡି କେନ୍ଦ୍ରରେ ସମସ୍ତ କେନ୍ଦ୍ର କର୍ମୀଙ୍କୁ ନେଇ ମାସିକ ବୈଠକ ଅନୁଷ୍ଠିତ ହେଉଥିଲା। ଅଙ୍ଗନୱାଡି କର୍ମୀ ସୋମବାରୀ ବୈଠକସ୍ଥଳରେ ପହଞ୍ଚିବା ପରେ ଉପସ୍ଥିତ ସିଡିପିଓ ଭାନୁମତି ବେହେରା ତାଙ୍କୁ ତାଚ୍ଛଲ୍ୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିରେ ମର୍ମାହତ ହୋଇ ସୋମବାରୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ମେଡିକାଲ ନେବା ପରିବର୍ତ୍ତେ ସିଡିପିଓ ସେଠାରୁ ପଳାଇଥିଲେ। ପରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଅଙ୍ଗନୱାଡି କର୍ମୀମାନେ ତାଙ୍କୁ ଅଟୋରେ ନେଇ ନିକଟସ୍ଥ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ତାଙ୍କ ପୁଅ ମେଡିକାଲରେ ପହଞ୍ଚି ପହଞ୍ଚି ଚିକିତ୍ସା ଦାୟିତ୍ୱ ବୁଝିଥିଲେ। ଗତ ଅଗଷ୍ଟ ୩୦ରେ ସିଡିପିଓ ତାଙ୍କୁ ସର୍ବ ସମ୍ମୁଖରେ ଗାଳିଗୁଲଜ କରିବା ସହ ଦୀର୍ଘ ସମୟ ଧରି ଖରାରେ ଛିଡ଼ା କରାଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ସିଡିପିଓ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ଓ ତଦନ୍ତ ହେଲେ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି କହିଛନ୍ତି।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା,୫।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମେରଦା ପଞ୍ଚାୟତ ଅଞ୍ଚଳରେ ପ୍ରବାହିତ ବାଉଁଶ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ପୋଲିସ ଏକ ଟ୍ରାକ୍ଟରକୁ ଜବତ କରିଛି। ଏହାର ମାଲିକ ଆମ୍ବଗଡ଼ିଆ ନିକଟସ୍ଥ ଭାଲିଆପଦା ଗ୍ରାମର ହୃଷିକେଶ ମହାନ୍ତ ବାଲି ଉଠାଣ ସଂକ୍ରାନ୍ତରେ କୌଣସି ବୈଧ ଅନୁମତି ପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# ଗାଁରେ ବୁଲୁଛି ଗୋଠଛଡ଼ା ଦନ୍ତା

ପାଟଣା,୫।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୯ ଦିନ ହେଲା ୨୨ ଟିକିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ମଧ୍ୟରୁ ଏକ ଗୋଠଛଡ଼ା ଦନ୍ତା ସୋମବାର ରାଇଡିହା ବିଟ ରେଙ୍ଗାଲବେଡ଼ା ଗାଁରେ ପଶି ଉତ୍ପାତ ଆରମ୍ଭ କରିଛି। ଏହି ଦନ୍ତା ଗ୍ରାମର ଲାଙ୍କା ମୁଣ୍ଡାଙ୍କ ଚାଳ ଛପର ଘର ଓ ଦୀନବନ୍ଧୁ ମହାନ୍ତଙ୍କ ପକ୍କା ଘର ଭାଙ୍ଗି ଦେଇଛି। ହାତୀ ଗାଁ ଦାଣ୍ଡରେ ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ପକ୍ଷରୁ ଫରେଷ୍ଟର ମୋହିନୀ ମହାନ୍ତଙ୍କ ନେତୃତ୍ୱରେ ଗାର୍ଡ ଲକ୍ଷ୍ମୀପ୍ରିୟା ମହାନ୍ତ, ତପସ୍ୱିନୀ ନାୟକ ଓ ପାରା ଷ୍ଟାଫ ଉକ୍ତ ଦନ୍ତାକୁ ଗୋଠରେ ମିଶାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟ ହାତୀମାନେ ରାଇଡିହା ବିଟ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବା ସୂଚନା ମିଳିଛି।

# ସାରସ୍ୱତ ସଂଘର ୪୦ତମ ବାର୍ଷିକ ଉତ୍ସବ

ବାଲେଶ୍ୱର ଅଫିସ, ୫।୯

ବାଲେଶ୍ୱର ସହର ଗୋପାଳଗାଁସ୍ଥିତ ସୁଧାଂଶୁ ଶେଖର ପରିଡ଼ାଙ୍କ ବାସଭବନରେ ସାରସ୍ୱତ ମଠ ପ୍ରତିଷ୍ଠାତା ସଦ୍‌ଗୁରୁ ଶ୍ରୀ ୧୦୮ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଓ ସନାତନ ଧର୍ମର ପ୍ରଚାର ପ୍ରସାର ପ୍ରଚେଷ୍ଟା ଅବ୍ୟାହତ ରଖିଥିବା ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି।

ଉତ୍ସବରେ ଆସାମ କୋକିଳାମୁଖ ସାରସ୍ୱତ ମଠର ମହନ୍ତ ମହାରାଜ ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ପୌରୋହିତ୍ୟ କରିଥିଲେ। ଭୁବନେଶ୍ୱର ବିଭାଗୀୟ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ଝାଡ଼ଖଣ୍ଡ ମାନୁଷମୁଡ଼ିଆ ସାରସ୍ୱତ ଆଶ୍ରମ ଅଧ୍ୟକ୍ଷ ଦେବେଶାନନ୍ଦ ସରସ୍ୱତୀ, କଦମକଣ୍ଠା ସାରସ୍ୱତ ଆଶ୍ରମ ଅଧ୍ୟକ୍ଷ ସିଦ୍ଧେଶ୍ୱର ଚୈତନ୍ୟ ବ୍ରହ୍ମଚାରୀ, ଶ୍ରୀମତ୍ ଶିବଚୈତନ୍ୟ ବ୍ରହ୍ମଚାରୀ ତଥା ବିଭାଗୀୟ ସଦସ୍ୟ ନିଗମ ପ୍ରସାଦ ନାୟକ, ଅବିଭକ୍ତ ବାଲେଶ୍ୱର-ଭଦ୍ରଖ ଜିଲାର ଜିଲା ସଦସ୍ୟଗଣ, ସଂଘ ସଭାପତି, ସମ୍ପାଦକ ତଥା ଶିଷ୍ୟ, ଭକ୍ତଗଣ ଉପସ୍ଥିତ ଥିଲେ। ଆଞ୍ଚଳିକ ସଜ୍ଜନ ଓ ସୁଧୀବୃନ୍ଦ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରାତଃରେ ଷୋଡ଼ଶ ପ୍ରଚାର ପୂଜା, ଆରତୀ, ସ୍ତୋତ୍ରବନ୍ଦନା, ସ୍ୱସ୍ତିବାଚନ, ଗୀତା, ଚଣ୍ଡୀପାଠ ଓ ଅଧିବାସ ପର୍ବରେ ସାନ୍ଧ୍ୟ ଆରତୀ, ବନ୍ଦନା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ଅନ୍ତରଙ୍ଗ ସଭାରେ ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଆଦି ସମ୍ପର୍କରେ ସାରଗର୍ଭକ ଆଲୋଚନା ହୋଇଥିଲା। ଆଶ୍ରମ ଅଧ୍ୟକ୍ଷମାନଙ୍କ ସମେତ ଚକ୍ରଧର ବିଶ୍ୱାଳ, ଉପେନ୍ଦ୍ରନାଥ ପଣ୍ଡା, ନିଗମ ପ୍ରସାଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ୧୬ଜଣ ଦୀକ୍ଷାଗ୍ରହଣ କରିଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ଭକ୍ତ ଅଂଶଗ୍ରହଣ କରିଥିଲେ। ସଂଘ ସଭାପତି ବାସୁଦେବ ମହାନ୍ତି ଧନ୍ୟବାଦ ଜଣାଇଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଭକ୍ତ।

# ୧୧ମାସ ପରେ ଧାରଣା ପ୍ରତ୍ୟାହୃତ

ବାଲେଶ୍ୱର ଅଫିସ, ୫।୯



ସଭାରେ ସଂଘର କର୍ମକର୍ତ୍ତା।

ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଗତ ୨୦୨୧ ଅକ୍ଟୋବର ୧ତାରିଖରୁ ନେସ୍କୋ ଶକ୍ତି କର୍ମଚାରୀ ସଂଘର ଆଉଟସୋର୍ସ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଅହୋରାତ୍ର ଧାରଣା ଦେଇଆସୁଥିଲେ। ଟିପିଏନ୍‌ଓଡିଏଲ୍‌ର ବିଭାଗୀୟ ଅଧିକାରୀ, ସଂଘର କର୍ମକର୍ତ୍ତା, ଜିଲାପାଳଙ୍କ ମଧ୍ୟସ୍ଥତାରେ ଆଲୋଚନା ପରେ ଏହି ଧାରଣା ୧୧ମାସ ପରେ ପ୍ରତ୍ୟାହୃତ ହୋଇଛି।

ସଂଘ ସ୍ଥାୟୀ ସଭାପତି ତଥା ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଂଘର ସାଧାରଣ ସମ୍ପାଦକ ଡ. ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ଉପସ୍ଥିତିରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀବଲ୍ଲଭ ସିଂ, ଡିଏମ୍ ଏଚ୍‌ଆର୍ ମାନସ ସ୍ୱାଇଁଙ୍କ ଉପସ୍ଥିତିରେ ଆନ୍ଦୋଳନରତ କର୍ମଚାରୀମାନଙ୍କୁ ଧାରଣାରୁ ଉଠାଇଥିଲେ। ସେମାନଙ୍କ ସୂଚନା ଅନୁସାରେ ପୂର୍ବରୁ ଜିଲାପାଳ କାର୍ଯ୍ୟାଳୟରେ ଟିପିଏନ୍‌ଓଡିଏଲ୍‌ଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଭାସ୍କର ସରକାର ଓ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀବଲ୍ଲଭ ସିଂ ଓ ସଂଘର ଉପଦେଷ୍ଟା ପ୍ରତାପ ଚନ୍ଦ୍ର

## ମିଳିଲା ସ୍ଥାୟୀ ନିଯୁକ୍ତି ପ୍ରତିଶ୍ରୁତି

ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଓ ଅନ୍ୟାନ୍ୟ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉଭୟପକ୍ଷ ମଧ୍ୟରେ ହୋଇଥିବା ଆଲୋଚନାର ସଫଳ ରୂପାୟନ ଖୁବ୍‌ଶୀଘ୍ର କରାଯିବ ବୋଲି ସଭାରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଦୀର୍ଘଦିନ ଧରି କାର୍ଯ୍ୟରତ ଆଉଟସୋର୍ସ କର୍ମଚାରୀଙ୍କୁ ସ୍ଥାୟୀ କରିବା ନିମନ୍ତେ ପଦକ୍ଷେପ ନିଆଯିବା ସହିତ ଖୁବ୍‌ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଉଭୟପକ୍ଷ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା। ସଂଘ ଉପଦେଷ୍ଟା, ସାଧାରଣ ସମ୍ପାଦକ ସିଇଓ ଓ ଏଚ୍‌ଆର୍‌ଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘରେ ପଶି ଲୁଟିଲେ ୧୦ଲକ୍ଷ ଟଙ୍କାର ସୁନାଗହଣା

ଲଙ୍ଗଳେଶ୍ୱର, ୫।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ବାଲିକୁଟି ଗ୍ରାମରେ ସୁଧାଂଶୁ ପାତ୍ର ଏବଂ ତାଙ୍କ ପରିବାର ଶୋଇଥିବା ବେଳେ ୮ରୁ ୧୦ଜଣ ଡକାୟତ ପଶି ପ୍ରାୟ ୧୦ଲକ୍ଷ ଟଙ୍କା ମୂଲ୍ୟର ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଡକାୟତମାନେ ପ୍ରଥମେ ଘର ପଛପଟ ଛିଟା ବେଢ଼ାକାନ୍ଥ ଭାଙ୍ଗି ଘରେ ପଶିଥିଲେ। ସେମାନେ ସୁଧାଂଶୁ, ତାଙ୍କ ସ୍ତ୍ରୀ ସୁଶାନ୍ତି ଓ ଝିଅ ଶୁଭଲକ୍ଷ୍ମୀଙ୍କୁ କାବୁ କରି ନେଇଥିଲେ। ବନ୍ଧୁକ, ଭୁଜାଲି ଦେଖାଇ ପିନ୍ଧିଥିବା ଗହଣା ସମେତ ସିନ୍ଦୁକରେ ଥିବା ୨ଶହ ଗ୍ରାମରୁ ଊର୍ଦ୍ଧ୍ୱ ଗହଣା ଓ ୪ହଜାର ଟଙ୍କା ନେଇ ପଳାଇଥିଲେ। ମୋବାଇଲ ନେଇ ଗେଟ ପାଖରେ ପକାଇ ଦେଇଯାଇଥିଲେ। ସୁଧାଂଶୁ ସଙ୍ଗେ ସଙ୍ଗେ କିଛି ଲୋକଙ୍କୁ ଫୋନ କରିବାରୁ ଗ୍ରାମର ଆତ୍ମୀୟ ବନ୍ଧୁମାନେ ଆସି ପହଞ୍ଚିଯାଇଥିଲେ। ଏନେଇ ବାଲିଆପାଳ ଥାନାକୁ ଖବର ଦେବା ପରେ ଆଇଆଇସି ସୁବ୍ରତ ବେହେରା, ଏସ୍ଆଇ ସାରଦା ପ୍ରସନ୍ନ ମୁଦୁଲିଙ୍କ ସମେତ କିଛି ପୋଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅନୁସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ମଧ ତଦନ୍ତ କରୁଛନ୍ତି। ତେବେ ପଶ୍ଚିମବଙ୍ଗ ନମ୍ବର ପ୍ଲେଟ ଲାଗିଥିବା ଗାଡ଼ିରେ କିଛି ଲୋକ ଯିବାର ଲୋକେ ଦେଖିଛନ୍ତି ବୋଲି କହିଛନ୍ତି।

### ସରସଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭଣ୍ଡାରିପୋଖରୀ, ୫।୯ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ସ୍ୱର୍ଗତ ଜଗନ୍ନାଥ ନାୟକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଗଦାଧର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଥାନାଧିକାରୀ ଅମିତାଭ ଦାସ, ମୁଖ୍ୟବକ୍ତା ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶ୍ରୀବତ୍ସ କରଶର୍ମା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ନାରାୟଣ ରାଉତ, ସାହିତ୍ୟିକ ନଟବର ରାଉଳ, ସମିତିସଭ୍ୟା କମଳା ଜେନା, ଉଦକର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରକାଶ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୩୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାନସୀ ରାଉତ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ କ୍ଷୀରାବ୍ଦୀ ମହାପାତ୍ର, ସୁଜାତା ମଲ୍ଲିକ, ପ୍ରଭାତୀ ସେଠୀ, ଶଶୀଭୂଷଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାତିତମାମ୍ ବିଦ୍ୟୁତ୍ କାଟ, ଜିଲାପାଳଙ୍କୁ ଫେରାଦ

କେନ୍ଦୁଝର, ୫।୯ (ସ୍ୱ.ପ୍ର)- ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡ଼ା ଗ୍ରାମରେ ରାତି ୧୦ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି। ଫଳରେ ଲୋକେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇ ଅଭିଯୋଗ ଜଣାଇଛନ୍ତି। ହାତୀ ଚଳପ୍ରଚଳ ଆଳ ଦେଖାଇ ଏଭଳି ବିଦ୍ୟୁତ୍ କାଟ କରାଯାଉଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି। ସେମାନଙ୍କ ଅଭିଯୋଗ ଅନୁସାରେ, ୨୫ କିମି ଦୂର ନରଣପୁର କିମ୍ବା ୧୫ କିମି ଦୂର କୁସୁମିତାରେ ହାତୀ ବାହାରିଲେ ମଧ ସେମାନଙ୍କ ଗ୍ରାମରେ ବିଦ୍ୟୁତ୍ କାଟି ଦିଆଯାଉଛି। ଏନେଇ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ୮୧ ୟୁନିଟ୍ ରକ୍ତ ସଂଗ୍ରହ

ଉଦଳା,୫।୯(ଡି.ଏନ.ଏ.)- ଉଦଳା ଥାନା ପୋଲିସ୍ ସମିତି ପକ୍ଷରୁ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରେ ଆୟୋଜିତ ଏହି ଶିବିରକୁ ଜଲା ଆରକ୍ଷୀ ଅଧୀକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ ଉଦ୍‌ଘାଟନ କରିଥିଲେ ଶିବିରରେ ମୋଟ ୮୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ପୋଲିସ୍ ଅଧିକାରୀ ସାର୍ଥକ ରାୟ୍ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ କୁଣ୍ଡାବାଇ ଡିଗ୍ରୀ ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଏବଂ ଉଦଳା କଲେଜ ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଉଦଳା ଡାକ୍ତରଖାନା ରକ୍ତ ଭଣ୍ଡାରର ସମୂହ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏହି ଅବସରରେ ଥାନା ପରିସରରେ ଚାରାରୋପଣ କରାଯାଇଥିଲା।

# ଖରାରେ ଲୋକେ ଡହଳବିକଳ

**ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି**

ଊପଦା, ୫।୯



ଯୁଗ୍ମ ଜନଶୁଣାଣି ଶିବିରରେ ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

ବାଲେଶ୍ୱର ଜିଲା ଊପଦା ବ୍ଲକ ପରିସରରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କର ପ୍ରଥମଥର ପାଇଁ ଜନଶୁଣାଣି ଶିବିର ହୋଇଥିବାରୁ ୨୧୪ଟି ଆପତ୍ତି ଅଭିଯୋଗ ହୋଇଥିଲା। ଶିବିରରେ ଅବ୍ୟବସ୍ଥା ପାଇଁ ଆପତ୍ତି ଅଭିଯୋଗ କରିବାକୁ ଆସିଥିବା ସାଧାରଣ ଲୋକେ ଟାଣ ଖରାରେ ତମ୍ବୁ ତଳେ ବସି ଡହଳବିକଳ ହେଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ବିଡିଓ ଅଭିଷେକ ଦାଶଙ୍କର ୩ ମାସରେ ଅଚାନକ ସିମୁଳିଆ ବ୍ଲକକୁ ବଦଳି ପ୍ରତିବାଦରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି ତଳକିଆ ପଞ୍ଚାୟତ ଦରଖୋଳି ଗ୍ରାମର ଖାଦ୍ୟଯୋଗାଣ ଦାୟିତ୍ୱରେ ଥିବା ରିଟେଲର ମୃତ ଲୋକଙ୍କ ନାମରେ ଖାଦ୍ୟ ଉଠାଯାଉଥିବା ଅଭିଯୋଗ ହେବାରୁ ଜିଲାପାଳ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଊପଦା ତହସିଲ ଅଧୀନ ଫତେପୁର ପଞ୍ଚାୟତ ହରିଚନ୍ଦନପୁର ଗ୍ରାମ ପାଣି ନାଳକୁ ଅବରୋଧ କରି ଦୋକାନ ଘର କରାଯାଇଥିବାରୁ ବର୍ଷାପାଣି ନିଷ୍କାସନ ହୋଇ ନ ପାରିବା ସମ୍ପର୍କରେ ଅଭିଯୋଗକୁ ନେଇ ଜିଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ପୋଲିସ ସହଯୋଗରେ ତଦନ୍ତ କରି ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ତହସିଲଦାର ଏହି ଅବରୋଧକୁ ଗୁରୁତ୍ୱ ଦେଉ ନ ଥିବା ଜିଲାପାଳଙ୍କଠାରେ ଆପତ୍ତି ହୋଇଥିଲା। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତାପପୁର ଗ୍ରାମ ଛକ ଠାରୁ କସିଗଡ଼ିଆ ପର୍ଯ୍ୟନ୍ତ ୨୦୧୮-୧୯ରେ ୧କୋଟି ୬୩ଲକ୍ଷ ୯୩ହଜାର ୪୪୧ ଟଙ୍କା ଅଟକଳ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତାକାମ ନିମ୍ନମାନର ପାଇଁ ଅଳ୍ପ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇ ଫାଟ ସୃଷ୍ଟି ହେବାରୁ ଯାତାୟାତରେ ବ୍ୟାଘାତ ଘଟୁଥିବା ଅଭିଯୋଗ ହୋଇଛି। ଶିବିରରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୁଲାଲସେନ ଜଗଦେବଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ତହସିଲଦାର ଶରତ କୁମାର ମଲ୍ଲିକ, ଊପଦା ଥାନା ଅଧିକାରିଣୀ କମଳିନୀ ତାଣ୍ଡି, ଖଇରା ଥାନା ଅଧିକାରୀ ଗଣେଶ୍ୱର ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷା ବିସିବିସ୍ମା ପାତ୍ର, ଉପାଧକ୍ଷ ପ୍ରଭାକର ସାହୁ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ୪୬ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ

**ଖଇରା ଶିକ୍ଷକ ସଂଘ ଭବନରେ ଗୁରୁପୂଜା**



ମୁଖପତ୍ର ପ୍ରଜ୍ଞାଶ୍ରୀ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଖଇରା, ୫।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶିକ୍ଷକ ସଂଘ ଭବନ ପରିସରରେ ପବିତ୍ର ଗୁରୁ ଦିବସ ତଥା ୧୬ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଖଇରା ଶାଖା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କୈଳାସ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ବିଷୟ ସବୁବେଳେ ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଦରକାର। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମା' ବାପା ପ୍ରଥମ ଗୁରୁ। ଏଣୁ କେହି କେବେ ମା' ବାପାଙ୍କୁ ଅବହେଳା କରିବା ଅନୁଚିତ୍ ବୋଲି କହିଥିଲେ। ପ୍ରାଧାପକ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା, ବିଡିଓ ପର୍ଶୁରାମ ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢ଼ୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ବିବରଣୀ ପାଠ, ରିତାରାଣୀ ଦାସ ଅତିଥି ପରିଚୟ ଓ ସିଆରସିସି ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖପତ୍ର ପ୍ରଜ୍ଞାଶ୍ରୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଦ୍ୱିବେଦୀ, କୈଳାସ ଚନ୍ଦ୍ର ବେହେରା ଓ ଅନ୍ତର୍ଯ୍ୟାମୀ ଦଳେଇଙ୍କୁ ସରସ୍ୱତୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ୩ବର୍ଷ ମଧ୍ୟରେ ଅବସର ଗ୍ରହଣ କରିଥିବା ୪୬ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡ଼ିଶା ଲୋକେ ଦାଦନ ଖଟିବାକୁ ବାଧ ହେଉଛନ୍ତି: ଭାଜପା



ଖବରଦାତା ସମ୍ମିଳନୀରେ ଜିଲା ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୫।୯

ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୨୨ବର୍ଷ ଧରି ଶାସନ କରିଆସୁଥିବା ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି, ନିଶା କାରବାର, ବେରୋଜଗାରୀ, ଶିଳ୍ପାୟନର ପୁନରୁଦ୍ଧାର, ବନ୍ୟାର ସ୍ଥାୟୀ ସମସ୍ୟାର ସମାଧାନ ଉପରେ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ୨୨ଟି ପ୍ରଶ୍ନ କରିଛନ୍ତି। ରାଜ୍ୟରେ ସୁଦୀର୍ଘ ବେଳାଭୂମି, ପ୍ରଚୁର ଖଣିଜ ପଦାର୍ଥ, ପରିଶ୍ରମୀ ମାନବ ସମ୍ବଳ, ଉର୍ବର ଚାଷଜମି ସତ୍ତ୍ୱେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଏକ ସମ୍ଭାବ୍ୟ ଶିଳ୍ପକେନ୍ଦ୍ର କିମ୍ବା ପୁଞ୍ଜିନିବେଶର ପେଣ୍ଠସ୍ଥଳୀ ଭାବେ ଉଭା ହେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବେରୋଜଗାରୀ ଲାଗି ରାଜ୍ୟର ଲୋକମାନେ ଦାଦନ ଖଟିବା ପାଇଁ ବାଧ ହେଉଛନ୍ତି ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ମାନସ ଦତ୍ତ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସରେ ହଜାର କୋଟି ଟଙ୍କାର ମହାଦୁର୍ନୀତି, ସହରାଞ୍ଚଳରେ ଭୂମିହୀନଙ୍କ ପାଇଁ ଜମିପଟ୍ଟା ଆବଣ୍ଟନ ଏକ ପ୍ରହସନ, ବିଶୁଦ୍ଧ ଜଳ ଯୋଗାଣ ପ୍ରକଳ୍ପ ଦିଶାହୀନ, ସୀମାବର୍ତ୍ତୀ ଅଞ୍ଚଳ ସୁରକ୍ଷା, ନଦୀ ସୁରକ୍ଷା ଓ ବନ୍ୟା ପରିଚାଳନାରେ ଅବ୍ୟବସ୍ଥା, ଅପପୃଷ୍ଟି ଓ ଶିଶୁ ମୃତ୍ୟୁ, ଦାରିଦ୍ର୍ୟ ସୀମାରେଖା ତଳେ ଓଡ଼ିଶା, ରାଜ୍ୟରେ ସ୍ୱାସ୍ଥ୍ୟବସ୍ଥାର ଦୁରବସ୍ଥା, ମହିଳା ଓ ଶିଶୁ ସୁରକ୍ଷା, ଆଇନଶୃଙ୍ଖଳାରେ ଅବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି ଭାଜପା ଯୁବମୋର୍ଚ୍ଚା। ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମିଡ଼ିଆ ସହ ସଂଯୋଜକ ବିକାଶ ପାଢ଼ୀ, ଜିଲା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ସମ୍ପାଦକ ନାରାୟଣ ମହନ୍ତ ଓ ଅରୂପ ଜେନା ଓ ଜିଲା ଯୁବମୋର୍ଚ୍ଚା ମିଡ଼ିଆ ସଂଯୋଜକ ଶୋଭାକର ସାହୁ ଉପସ୍ଥିତ ଥିଲେ।

## ଯୌତୁକ ଲାଗି ମହିଳାଙ୍କୁ ନିର୍ଯାତନା

ବୈଶିଙ୍ଗା,୫।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଷୋରିଶକୋଠା ଗ୍ରାମର ଜନୈକା ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ଦାବିରେ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ଏହି ଗ୍ରାମର ଜଗନ୍ନାଥ ସିଂହଙ୍କ କନ୍ୟା ମନ୍ଦାକିନୀ ୨୦୨୧ରେ ବାଲେଶ୍ୱର ଜିଲା ଚାନ୍ଦିପୁର ଅଞ୍ଚଳରେ ଅନନ୍ତ ରଣାଙ୍କ ପୁଅ ତପନଙ୍କୁ ବିବାହ କରିଥିଲେ। ବିବାହର କିଛିମାସ ପରେ ଗୃହ ନିର୍ମାଣ ପାଇଁ ବାପ ଘରୁ ୨ ଲକ୍ଷ ଟଙ୍କା ଆଣିବା ପାଇଁ ମନ୍ଦାକିନୀଙ୍କ ଉପରେ ଚାପ ପ୍ରୟୋଗ କରା ଯାଇଥିଲା। ମାତ୍ର ମନ୍ଦାକିନୀଙ୍କ ବାପା ଯୌତୁକ ଦେବାକୁ ମନା କରିବାରୁ ତାଙ୍କ ଝିଅଙ୍କୁ ଶାଶୁ , ଶ୍ୱଶୁର ଓ ସ୍ୱାମୀ ମିଶି ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୨୬୫/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ପିଲା ଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ, ୫।୯ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦାଠାରେ ପିଲା ଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରତ୍ୟୁଷ ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁମତି ସେଠୀ, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ସମିତିସଭ୍ୟ ରିତାଞ୍ଜଳି ସାମଲ, ସରପଞ୍ଚ ନମିତା ପରିଡ଼ା ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସରପଞ୍ଚ ତଥା ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲା ସଭାପତି ରବି ନାରାୟଣ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଲିପିକା ରାଉତ, ବିଶ୍ୱମ୍ଭର ରାଉତ, ନାରଣ ପଣ୍ଡା, ଯୁବନେତା ଭାଗୀରଥି ପରିଡ଼ାଙ୍କ ସମେତ ପିଲା ଗଣେଶ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଖ୍ୟାତ କଳାକାର ଗୌତମ କୁମାର ଓ ସଙ୍ଗୀତଜ୍ଞ ତାରିକ୍ ଅଜିତ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ, ୩ ଅଟକ

ବାହାନଗା, ୫।୯(ଡି.ଏନ.ଏ.)



ସରପଞ୍ଚ ଅଟଳ ବିହାରୀ ରାଉତ।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତ ସରପଞ୍ଚଙ୍କୁ ଗତ ରବିବାର ରାତିରେ କେହି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିବା ଖନ୍ତାପଡା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୯୮/୨୨) ରୁଜୁ ହୋଇଛି । ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ପୋଲିସ୍ ଅଟକ ରଖି ପଚରାଉଚରା କରୁଛି। ଗୁରୁତର ସରପଞ୍ଚଙ୍କ ଅବସ୍ଥା ସଙ୍କଟାପୂର୍ଣ୍ଣ ହେବାରୁ ତାଙ୍କୁ ବାଲେଶ୍ୱରରୁ କଟକସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

ରବିବାର ରାତି ୯ଟା ବେଳେ ସରପଞ୍ଚ ଅଟଳ ବିହାରୀ ରାଉତ ନିଜର ଜଣେ ସମର୍ଥକଙ୍କ ସାହାଯ୍ୟରେ ନୂଆପୁରଶାସନ ଗ୍ରାମରୁ ଗଣେଶ ପୂଜା ଭୋଜି ଖାଇ ଘରକୁ ଫେରୁଥିବା ବେଳେ ହାଟୁଆଣି ଛକ ନିକଟରେ ତାଙ୍କ ମୋଟରସାଇକେଲକୁ ନୂଆପୁର ପଞ୍ଚାୟତ କୂଆପଦା ଗ୍ରାମର ଜଣେ ଯୁବକ ଅଟକାଇଥିଲେ। ସରପଞ୍ଚ ନିଜ ମୋଟରସାଇକେଲକୁ ଅଟକାଇବା ପରେ ନଟବର ମହାଲିକଙ୍କ ପୁଅ ଉମେଶ ସରପଞ୍ଚ ଅଟଳ ରାଉତଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ସରପଞ୍ଚ ରାଉତ ଗୁରୁତର ହୋଇ ଗାଡ଼ିରୁ ତଳେ ପଡ଼ିଯାଇଥିଲେ। ସାଥିରେ ଥିବା ସମର୍ଥକଜଣକ ସଙ୍ଗେ ସଙ୍ଗେ ଘଟଣା ବାବଦରେ ଅନ୍ୟମାନଙ୍କୁ ଜଣାଇବା ପରେ ସରପଞ୍ଚଙ୍କ ସହଯୋଗୀମାନେ ପହଞ୍ଚି ଗୁରୁତର ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଅଟଳ ରାଉତଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ଏହି ଘଟଣା ପରେ ନୂଆପୁର ଓ କୂଆପଦା ଗ୍ରାମ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଉଭୟ ଗ୍ରାମରେ ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି କାଣ୍ଡ ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି ।

## ଜନ ଅଭିଯୋଗ ଶୁଣାଣି

କେନ୍ଦୁଝର, ୫।୯(ସ୍ୱ.ପ୍ର/ଡି.ଏନ୍.ଏ)

କେନ୍ଦୁଝର ଜିଲା ସଦର ମହକୁମାସ୍ଥିତ ଦରବାର ହଲ୍‌ଠାରେ ସୋମବାର ଜିଲାପାଳ ଆଶିଷ ଠାକରେ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୪୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୩ଟିର ଫଇସଲା କରାଯାଇଥିଲା। ୧୯ଟି ଅଭିଯୋଗ ଗୋଷ୍ଠୀ ଓ ଗ୍ରାମ୍ୟ ସମସ୍ୟା ହୋଇଥିବାବେଳେ ୧୨୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ଧନରାଜ ଏଚ୍.ଡି, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡେପୁଟି କଲେକ୍ଟର (ଆପାତକାଳୀନ) ସୁରଞ୍ଜିକା ବେହେରା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ପାର୍କ ନିର୍ମାଣକୁ ବିରୋଧ

**ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାର୍ଡବାସୀ**

ଚମ୍ପୁଆ, ୫।୯(ଡି.ଏନ.ଏ)

ଚମ୍ପୁଆ ଏନ୍‌ଏସି ୯ନଂ ୱାର୍ଡରେ ନିର୍ମାଣ ଆରମ୍ଭ ହୋଇଥିବା ପାର୍କକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଏ ନେଇ ୱାର୍ଡବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ସୋମବାର ୯ ନଂ ୱାର୍ଡ ବାରିକ ସାହିର ଆମ୍ବତୋଟା ପଡ଼ିଆରେ ଏନ୍‌ଏସି ପକ୍ଷରୁ ଏକ ପାର୍କ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ୱାର୍ଡବାସୀ ଉକ୍ତ ସ୍ଥାନରେ ବିବାହ, ବ୍ରତ ଓ ଅନ୍ୟାନ୍ୟ କାର୍ଯ୍ୟ କରିଆସୁଛନ୍ତି। ସେହି ସ୍ଥାନରେ ପାର୍କ ନିର୍ମାଣ ହେଲେ ସ୍ଥାନ ଅଭାବରୁ ୱାର୍ଡବାସୀ ନାନା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି। ତେଣୁ ପାର୍କ ନିର୍ମାଣକୁ ବିରୋଧ କରି ୱାର୍ଡବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସହକାରୀ ଜିଲାପାଳ ଶ୍ୱେତପଦ୍ମା ଧଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ଧାନ ଚାଷ ଜମି ସର୍ଭେ ଆରମ୍ଭ

ସୋର, ୫।୯(ଡି.ଏନ.ଏ.)

ଚଳିତ ଖରିଫ ଋତୁରେ ସମବାୟ ସମିତିରେ ଅନଲାଇନ୍‌ରେ ପଞ୍ଜୀକୃତ ଚାଷୀଙ୍କର ଧାନ ଚାଷଜମି ଚିହ୍ନଟ ପ୍ରକ୍ରିୟା ସ୍ଥାନୀୟ ରାଜସ୍ୱ ଅଧିକାରୀ ଓ କୃଷି ବିଭାଗ କର୍ମଚାରୀଙ୍କୁ ନେଇ ମିଳିତ ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ସୋର ବ୍ଲକରେ ଥିବା ୭ଟି ସେବା ସମବାୟ ସମିତିରେ ଖରିଫ୍ ଧାନ ଅମଳ ପରେ ଧାନ ବିକ୍ରୟ କରିବାକୁ ପଞ୍ଜୀକୃତ ଚାଷୀ ନିଜ ଚାଷ ଜମି ସହ ଅମଳ ପରେ ଧାନ ବିକ୍ରି ପରିମାଣ ନେଇ ସୂଚନା ଦେଇଥିଲେ। ସେହି ଆଧାରରେ ସରକାରୀ ଯୋଜନା ଅନୁଯାୟୀ ପ୍ରକୃତ ଚାଷ ଜମି ସୂଚନା ପାଇଁ ଏହି ସର୍ଭେ ତହସିଲଦାର ଡ. ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନ ସହ କୃଷି ଅଧିକାରୀଙ୍କ ସହଯୋଗରେ ଆରମ୍ଭ ହୋଇଛି। ସୋର ସଦର ଆର୍‌ଆଇ ବିଷ୍ଣୁପ୍ରିୟା ମାଝି, ଭିଏଡବ୍ଲ୍ୟୁ ସସ୍ମିତା ଜେନା ଓ ବିଶ୍ୱନାଥ ଓଝା ମିଳିତ ଭାବେ ନଟାପଡା ପଞ୍ଚାୟତରେ ସର୍ଭେ କରିଛନ୍ତି। ଏହାପୂର୍ବରୁ ସାଟେଲାଇଟ୍ ସର୍ଭେ ସରିଥିବା ବେଳେ ଏବେ କ୍ଷେତ୍ର ପରିଦର୍ଶନ କରି ସର୍ଭେ ଆରମ୍ଭ ହୋଇଛି। ଏହାର ରିପୋର୍ଟ ଆସନ୍ତା ୭ ତାରିଖ ମଧ୍ୟରେ ସମବାୟ କାର୍ଯ୍ୟାଳୟରେ ଦାଖଲ ହେବା ପରେ ୧୦ ତାରିଖ ସୁଦ୍ଧା ଧାନ ବିକ୍ରୟ ପରିମାଣ ପାଇଁ ଟୋକନ୍ ପାଇବାକୁ ତାଲିକା ପ୍ରକାଶ ପାଇବ। ଏହି ତାଲିକା ପ୍ରକାଶ ପାଇବା ପରେ ମଧ ଅମଳ ପୂର୍ବରୁ ପୁଣି ଥରେ ସାଟେଲାଇଟ୍ ସର୍ଭେ ହୋଇ ତ୍ରୁଟି ସଂଶୋଧନ ପରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବ। ପ୍ରକୃତ ଚାଷୀଙ୍କୁ ସେମାନଙ୍କ ଧାନ ବିକ୍ରି ପରିମାଣର ଟୋକନ୍ ମିଳିବ। ଅମଳ ପରେ ଅଭାବୀ ଧାନ ବିକ୍ରି ସମସ୍ୟା ଦୂର କରିବାକୁ ସରକାରଙ୍କ ଏହି ଯୋଜନା ଚାଷୀଙ୍କ ହିତରେ କେତେ ଆସିବ ତାହା ଜଣାପଡିବ।

## ଏସ୍‌ପି ଅଫିସ ଆଗରେ ପରିବାର ସହ ଯୁବତୀଙ୍କ ଧାରଣା

ଭଦ୍ରକ ଅଫିସ, ୫।୯

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ମେରାଇନ ଥାନା ଅଞ୍ଚଳର ଜଣେ ଯୁବତୀ ନ୍ୟାୟ ଦାବିରେ ସୋମବାର ଏସ୍‌ପିଙ୍କ ଅଫିସ ଆଗରେ ପରିବାର ଲୋକଙ୍କ ସହ ଧାରଣା ଦେଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କୁ ପ୍ରେମଜାଲରେ ଫସାଇ ମିଥ୍ୟା ପ୍ରଲୋଭନ ଦେଖାଇଥିଲେ। ବାହା ହେବାକୁ ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିଲେ। ଏନେଇ ସେ ଗତ ଜୁନ୍ ୨ରେ ଧାମରା ମେରାଇନ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇଥିଲା। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରୁଛି। ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ଯୁବତୀ ଓ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ୭ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ଉଠାଜଳସେଚନ ପ୍ରକଳ୍ପରେ ବିଦ୍ୟୁତ୍ କାଟ୍



ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

**ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ଚାଷୀ**

କେନ୍ଦୁଝର, ୫।୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ମଙ୍ଗଳାପସି ଗ୍ରାମରେ ଥିବା ଦୁଇଟି ଉଠାଜଳସେଚନ ପ୍ରକଳ୍ପ ଉପରେ ସ୍ଥାନୀୟ ଗରିବ ଆଦିବାସୀ ଓ ଅଣ ଆଦିବାସୀ ଚାଷୀମାନେ ନିର୍ଭର କରନ୍ତି। ଚଳିତବର୍ଷ ଖରିଫ ଚାଷ ପୂର୍ବରୁ ମୋଟର ପୋଡ଼ିଯିବାରୁ ସେମାନେ ନିଜ ଉଦ୍ୟମରେ ୮୫ ହଜାର ଟଙ୍କା ସଂଗ୍ରହ କରି ମରାମତି କରିଥିଲେ। ଏଥିସହ ବିଦ୍ୟୁତ୍ ବିଲ୍ ପୈଠ କରିଥିଲେ। ହେଲେ ଦିନରେ ପ୍ରାୟ ୬ ଘଣ୍ଟା ଓ ରାତିରେ ୯ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଥିବାରୁ ଚାଷ କାର୍ଯ୍ୟରେ ସମସ୍ୟା ଦେଖାଦେଉଛି। ଏଭଳି ବିଦ୍ୟୁତ୍ କାଟ୍ ଯୋଗୁ ସେମାନେ ବିଲରେ ପାଣି ମଡ଼ାଇ ପାରୁନାହାନ୍ତି। ଏନେଇ ଚାଷୀମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ସେମାନେ ଅଭିଯୋଗ ଜଣାଇବା ସହ ତୁରନ୍ତ ପଦକ୍ଷେପ ନିଆଯାଇ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ନିବେଦନ କରିଛନ୍ତି।

